# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 April - 2025**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସଂଶ୍ଳିଷ୍ଟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ; କହିଲେ ପ୍ରଧାନମନ୍ତ୍ରୀ

— ମନ୍ କୀ ବାତ୍ କାର୍ଯ୍ୟକ୍ରମରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ୧୪୦ କୋଟିରୁ ଅଧିକ ଚାରା ରୋପଣ ହୋଇଛି ବୋଲି ଦେଲେ ସୂଚନା

- ସମାଜ ପାଇଁ ସଂସ୍କାରଯୁକ୍ତ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

- ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦୃଷ୍ଟିରୁ ଆସନ୍ତାକାଲି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ

ଏବଂ

- ଭିତର କନିକା ଜାତୀୟ ଉଦ୍ୟାନକୁ ଆସନ୍ତା ପହିଲାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ନିଷେଧ ହେଲା  ପର୍ଯ୍ୟଟକଙ୍କ ପ୍ରବେଶ

# ମନ୍ କୀ ବାତ୍

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଗଭୀର ଆଘାତ ଦେଇଛି। ଆତଙ୍କବାଦୀଙ୍କ ବିରୋଧରେ ଏବେ ସାରା ଦେଶ ଏକାଠି ହୋଇଛି। ଉଭୟ ଆକ୍ରମଣକାରୀ ଏବଂ ଷଡଯନ୍ତ୍ରରେ ସାମିଲ୍ ଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଆକ୍ରମଣ ଆତଙ୍କବାଦୀ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ପୃଷ୍ଠପୋଷକଙ୍କ ହତାଶା ଏବଂ ଅସହିଷ୍ଣୁତାକୁ ଦର୍ଶାଉଛି । ସେମାନେ କାଶ୍ମୀରରେ ଶାନ୍ତି ଓ ଗଣତନ୍ତ୍ର କୁ ପୁଣିଥରେ ଫେରିଆସିବା ଚାହୁଁନାହାଁନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (Pahelgam Attack)**

ଆତଙ୍କବାଦ ବିରୋଧ ଯୁଦ୍ଧରେ ସବୁଠାରୁ ବଡ ଶକ୍ତି ହେଉଛି ଦେଶର ଏକତା । ଏହି ଆହ୍ୱାନର ମୁକାବିଲା ପାଇଁ ସଂକଳ୍ପକୁ ଦୃଢ଼ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ଆକ୍ରମଣ ଘଟଣାରେ ସମଗ୍ର ବିଶ୍ୱ କ୍ରମାଗତ ଭାବେ ସମବେଦନା ଜ୍ଞାପନ କରୁଛି । ଏହି ଲଢ଼େଇରେ ୧୪୦କୋଟି ଭାରତୀୟଙ୍କ ସହ ବିଶ୍ୱବାସୀ ଛିଡାହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦୁଇଦିନ ତଳେ ପରଲୋକ ଗମନ କରିଥିବା ବିଶିଷ୍ଟ ମହାକାଶ ବିଜ୍ଞାନୀ ଡକ୍ଟର କେ. କସ୍ତୁରୀରଙ୍ଗନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ତାଙ୍କ ନେତୃତ୍ୱରେ ଇସ୍ରୋ ଏକ ନୂତନ ପରିଚୟ ହାସଲ କରିଛି । ଦେଶରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନରେ ଡକ୍ଟର କସ୍ତୁରୀରଙ୍ଗନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଚଳିତମାସରେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉତ୍କ୍ଷେପଣର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଦୃଢ଼ ନିଷ୍ଠାଯୁକ୍ତ ୫୦ବର୍ଷର ଏହି ଯାତ୍ରା ଭାରତକୁ ଏକ ବିଶ୍ୱ ମହାଶକ୍ତିରେ ପରିଣତ କରିଛି । ଚନ୍ଦ୍ରର ଦକ୍ଷିଣମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶରେ ଚିକିତ୍ସା ସୁବିଧା କ୍ରମାଗତ ଭାବେ ଉନ୍ନତ ହେଉଛି ଏବଂ ଅନ୍ୟଦେଶର ନାଗରିକ ଏଥିରୁ ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଶିଶୁଙ୍କୁ ଚିକିତ୍ସା ପାଇଁ ଭାରତ ପଠାଇବା ଲାଗି ଆଫ୍ରିକାର ଇଥିଓପିଆର ପ୍ରବାସୀ ଭାରତୀୟଙ୍କ ଅଭିନବ ପ୍ରୟାସ ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ ଦେଶକୁ ଭାରତ ପଠାଇଥିବା ସହାୟତା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ସଚେତ୍ ଆପ୍ ଆଞ୍ଚଳିକ ଭାଷାରେ ଏନେଇ ସୂଚନା ପ୍ରଦାନ କରୁଛି । ଏହି ଆପ୍‌ର ବ୍ୟବହାର ସହ ଅଭିଜ୍ଞତାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ମହାକାଶକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଘରୋଇ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରାଯାଇଛି । ଯୁବବର୍ଗ ମହାକାଶ ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ ପ୍ରଦାନ କରୁଛନ୍ତି । ଏବେ ଦେଶରେ ୩୨୫ରୁ ଅଧିକ ମହାକାଶ କ୍ଷେତ୍ର ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ।

## V/O (Space Start up)

ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୧୭ ମସିହାର ଚମ୍ପାରଣ ସତ୍ୟାଗ୍ରହ ସମ୍ପର୍କରେ ସ୍ମରଣ କରାଇଥିଲେ । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଲିଖିତ 'ଚମ୍ପାରଣରେ ସତ୍ୟାଗ୍ରହ' ପୁସ୍ତକ ପଢ଼ିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ଅଭିଯାନକୁ ଏକବର୍ଷ ପୂରିବ । ଏହା ଅଧୀନରେ ୧୪୦କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ଦେଶ ଓ ବିଦେଶର ଲୋକ ଏହି ଅଭିଯାନରେ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

## V/O (Ek Ped Maa ke Naam)

ଏପ୍ରିଲ ମାସ ଅନ୍ୟାନ୍ୟ ଉଲ୍ଲେଖନୀୟ ଘଟଣାକୁ ମନେପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ୬ ତାରିଖରେ ବାପୁଜୀଙ୍କ ଦାଣ୍ଡି ଯାତ୍ରା ଶେଷ ହୋଇଥିଲା । ୨୪ଦିନ ଧରି ଚାଲିଥିବା ଏହି ପଦଯାତ୍ରା ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା । ଏପ୍ରିଲ ମାସରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଘଟିଥିଲା । ଆସନ୍ତାମାସ

୧୦ ତାରିଖରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବାର୍ଷିକୀ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରେରଣା ଦେଶକୁ ସତ୍‌ମାର୍ଗରେ ଆଗେଇ ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ଗଞ୍ଜାମ ଗସ୍ତ

ସମାଜ ପାଇଁ ସଂସ୍କାରଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ  ଆଜି ପାତ୍ରପୁର ବ୍ଲକ୍‌ର ଭୀମପୁର ଉନ୍ନୀତ ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିର ସହାୟକ ହୋଇପାରିବ। ମୁଖ୍ୟମନ୍ତ୍ରୀ ଆଜି ସକାଳ ସମୟରେ ବ୍ରହ୍ମପୁରସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରାର ଅସ୍ଥାୟୀ ମଣ୍ଡପଠାରେ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ରହ୍ମପୁର ସାଂସଦ ଡାକ୍ତର ପ୍ରଦୀପ କୁମାର ପାଣିଗ୍ରାହୀ ବ୍ରହ୍ମପୁର ବିଧାୟକ, ଆଶିକା ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଏହାକୁ ବନ୍ଦ ରଖାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

## କୁଆଁରିଆ ମହୋତ୍ସବ

**ନୟାଗଡ଼** ଜିଲ୍ଲାର ଦଶପଲ୍ଲାରେ କୁଆଁରିଆ ମହୋତ୍ସବ ଓ ପଲିଶ୍ରୀ ମେଳା ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ମୁଖ୍ୟଅତିଥିଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତଥା ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ରାମାୟଣ ଲୋକକଳାକୁ ୨୨୩ ବର୍ଷ ଧରି କୁଞ୍ଜବନଗଡ଼ ଲୋକକଳା ଗ୍ରାମରେ ଉଦ୍‌ଜୀବିତ କରି ରଖିଥିବାରୁ ଶ୍ରୀ ପାତ୍ର ଏହାର ସ୍ମୃତିଚାରଣ କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ବାତ୍ୟା ମୁକାବିଲା ବୈଠକ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆସନ୍ତା ମଙ୍ଗଳବାର ପ୍ରାକ୍ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗର ମୁଖ୍ୟଙ୍କୁ ଅବଗତ କରାଯାଇଛି। ଏଥିରେ ମୋଟ୍ ୭ଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ବୈଠକରେ ଗୃହ, ଜଳସମ୍ପଦ, ସ୍ୱାସ୍ଥ୍ୟ, ପଶୁପାଳନ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର

ଉନ୍ନୟନ, ପଞ୍ଚାୟତିରାଜ, ମହିଳା ଓ ଶିଶୁବିକାଶ ଏବଂ କୃଷି ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ ହେବ। ସୂଚନାଯୋଗ୍ୟ, ଗ୍ରୀଷ୍ମଋତୁରେ ସାଧାରଣତଃ ବାତ୍ୟାର ଆଶଙ୍କା ରହିଥାଏ। ଏହି କ୍ରମରେ ବାତ୍ୟାର ସଫଳ ମୁକାବିଲା ଏବଂ ଶୂନ୍ୟ ଜୀବନହାନୀ ଲକ୍ଷ୍ୟ ହାସଲ ପାଇଁ ସରକାର ଆଗୁଆ ପ୍ରସ୍ତୁତି ବୈଠକ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଭିତରକନିକା ବନ୍ଦ

ବିରଳ ପ୍ରଜାତିର ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ହେତୁ ଭିତରକନିକା ଜାତୀୟ ଉଦ୍ୟାନକୁ ମେ’ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ସମୂହ ଅଣ୍ଡାଦାନ ଓ ପ୍ରଜନନ ପାଇଁ  ଏକ ନିରାପଦ ସ୍ଥାନ। ଏହି ସମୟରେ ମାଆ କୁମ୍ଭୀର ଅଧିକ ହିଂସ୍ର ହୋଇଥିବା ହେତୁ ବିପଦ ଆଶଙ୍କା ଥିବାରୁ ପର୍ଯ୍ୟଟକମାନଙ୍କୁ ପରିଦର୍ଶନ ନିମନ୍ତେ ନିଷିଦ୍ଧ କରାଯାଇଛି।

## ପିଜି ନାମଲେଖା

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସ୍ନାତ୍ତକୋତ୍ତର-ପିଜି ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆସନ୍ତା ମାସ ୫ ତାରିଖରୁ ଏକକ ପିଜି ପ୍ରବେଶିକା ପରୀକ୍ଷା (ସି.ପି.ଇ.ଟି) ଅନୁଷ୍ଠିତ ହେବ। ଏ ନେଇ  ରାଜ୍ୟ ଚୟନ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲିଠାରୁ ପରୀକ୍ଷାର୍ଥୀମାନେ ବୋର୍ଡର ଅଫିସିଆଲ୍ ୱେବ୍‌ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି

ଜଣାପଡିଛି। ସୂଚନାଯୋଗ୍ୟ, ୩ଟି ଅଧିବେଶନରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତାମାସ ୧୩ ତାରିଖରେ ପରୀକ୍ଷା ଶେଷ ହେବ।

## ମନ୍ କୀ ବାତ୍-ଜିଲ୍ଲା

**ନବରଙ୍ଗପୁର** ଜିଲ୍ଲାର ଉମରକୋଟଠାରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ପ୍ରସାରଣକୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନ୍ୟମାନଙ୍କ ସହ ବସି ଶୁଣିଥିଲେ। ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ପାଇଁ ସେ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ, ପଞ୍ଚାୟତର ଗ୍ରାମବାସୀ, ସରପଞ୍ଚ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ମନର କଥାକୁ ଶୁଣିଛନ୍ତି। ଅନନ୍ତନାଗ ଜିଲ୍ଲାର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀଙ୍କ ସମବେଦନା ଓ ଏହି ଘଟଣା ନିମନ୍ତେ ନିନ୍ଦା ପ୍ରସ୍ତାବ ସମସ୍ତଙ୍କୁ ବେଶ୍ ଅଭିଭୂତ କରିଥିଲା। ଏହି କାର୍ଯ୍ୟକ୍ରମ ଶୁଣି ଜନସାଧାରଣ ଉତ୍ସାହିତ ହେବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

*******************************